Institute of
Media
Studies
ESTD. 1994

Institute of Media Studies
(Affiliated to Utkal University)
Orissa Co-operative Housing Corp. complex
Unit-III, Kharvel Nagar, Bhubajneswar-751001
Tel: 0674 – 2394312, Fax -: 0674 – 2394314
E-mail:iims_bbsar@rediffmail.com, imsodisha@gmail.com
Website: www.imsorissa.org.in

# ଅତିରଞ୍ଜିତ ବିଜ୍ଞାପନରେ ମହିଳା ପ୍ରଥମ ଶିକାର

ଭୁବନେଶ୍ୱର ୨୭/୧୦/୨୦୧୭: ଆଜି ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଆନୁକୂଲ୍ୟରେ "ବିଜ୍ଞାପନରେ ନୈତିକ ଓ ଆଇନଗତ ଦିଗ" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଯୋଗଦେଇ ରାଜ୍ୟ ମହିଳା କମିଶନର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ବର୍ତମାନ ସମୟର ଅତିରଞ୍ଜିତ ବିଜ୍ଞାପନ ବିଶେଷକରି ମହିଳା ଓ ଶିଶୁ ମାନଙ୍କ ଉପରେ ଅନେକ କୁପ୍ରଭାବ ପକାଉଛି ବୋଲି ପ୍ରକାଶ କରିଥିଲେ । ଏହି ପ୍ରକ୍ରିୟାକୁ ରୋକିବା ପାଇଁ ଅନେକ ଆଇନ୍ ଥିବା ସତ୍ୱେ, ଗ୍ରହକମାନେ ଅନେକାଂଶରେ ଠକାମିର ଶିକାର ହେଉଛନ୍ତି । ଗ୍ରାହକ ମାନଙ୍କୁ ଆକୃଷ୍ଟ କରିବାପାଇଁ ବିଜ୍ଞାପନ ସଂସ୍ଥାମାନେ ମହିଳା ମାନଙ୍କୁ ଆପତିଜନକ ଭାବେ ପ୍ରଦର୍ଶିତ କରାଯାଉଛି, ଯାହା ସାମାଜକୁ ପଥଭ୍ରଷ୍ଟ କରୁଛି ବୋଲି ସେ ଗରୁତ୍ୱାରୋପ କରିଥିଲେ ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ପାରାଦ୍ୱୀପ ଫସ୍‌ଫେଟ୍ ଲିମିଟେଡ୍‌ର କର୍ପୋରେଟ ବିଭାଗ ମୁଖ୍ୟ ସୁଦ୍ଧି ରଞ୍ଜନ ମିଶ୍ର ବିଜ୍ଞାପନରେ ସୃଜନାଶୀଳତାର ଯେତିକି ଆବଶ୍ୟକତା ରହିଛି, ଏହାର ପ୍ରସ୍ତୁତି ସମୟରେ ନୈତିକ ଓ ଆଇନଗତ ଦିଗ ପ୍ରତି ସେତିକି ଦୃଷ୍ଟି ଦେବା ଉଚିତ ବୋଲି ମତ ପୋଷଣ କରିଥିଲେ । ସାମାଜିକ ଗଣମାଧମର ବହୁଳ ବ୍ୟବହାର ବିଜ୍ଞାପନ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରିଛି ବୋଲି ସେ କହିଥିଲେ ।

ବିଭିନ୍ନ ଅତିରଞ୍ଜିତ ବିଜ୍ଞାପନର ଉଦାହରଣ ଦେଇ ଫାଷ୍ଟ କମ୍ୟୁନିକେଶନର ମୁଖ୍ୟ ତ୍ରିନୟନ ରଥ ଆଇନଗତ ଓ ନୈତିକ ଦିଗ ପ୍ରତି ଗୁରୁତ୍ୱ ଦେଇଥିଲେ । ରାଜ୍ୟ ଖାଉଟି ସଚେତନତା ଅନୁଷ୍ଠାନର ପରାମର୍ଶଦାତା ସସ୍ମିତା ପଟ୍ଟନାୟକ ଯୋଗ ଦେଇ ଗ୍ରାହକ କଲ୍ୟାଣ ଓ ସୁରକ୍ଷା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ, ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ, ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ସଂଯୋଜକ ମନୋରଞ୍ଜନ ପଣ୍ଡା, ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।